**ସଂକ୍ଷେପରେ**

## ହାତୀ ଉପଦ୍ରବ, ଅଳ୍ପକେ ବର୍ତ୍ତିଲେ ପରିବାର



ଭଙ୍ଗା ଘର ଆଗରେ ନରେନ୍ଦ୍ର।

**ଜମନକିରା, ୯।୪(ଡି.ଏନ.ଏ.):** ଜମନକିରା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ଶୁକ୍ରବାର ରାତିରେ ଜନବସତିରେ ହାତୀ ପଶି ଘର ଭାଙ୍ଗିଥିବାବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ ବନଜାତ ଦ୍ରବ୍ୟ ସଂଗ୍ରହ ପାଇଁ ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଏଥିଯୋଗୁ ବନ୍ୟ ଜୀବଜନ୍ତୁ ବିଶେଷକରି ହାତୀପଲ ଗ୍ରାମାଭିମୁଖୀ ହେଉଛନ୍ତି। ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଖରମୁଣ୍ଡା ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୧୨ଟାରେ ହାତୀପଲ ପଶିଥିଲେ। ହାତୀମାନେ ଗ୍ରାମର ନରେନ୍ଦ୍ର ଭଇସାଙ୍କ ଘର ଭାଙ୍ଗିବା ସହ ଆସବାବପତ୍ର ଭାଙ୍ଗି ନଷ୍ଟ କରିଥିଲେ। ପରିବାର ସଦସ୍ୟ ଅନ୍ୟ କୋଠରିରେ ଶୋଇଥିବାରୁ ସୌଭାଗ୍ୟ ବଶତଃ ବର୍ତ୍ତି ଯାଇଥିବା ପ୍ରକାଶ କରିଛନ୍ତି। ଏ ନେଇ ଭଇସା ବନ ବିଭାଗକୁ ଲିଖିତ ଭାବେ ଜଣାଇବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚାରା ବଣ୍ଟନ

**ଜମନକିରା, ୯।୪ (ଡି.ଏନ.ଏ.):** ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଚିନିମହୁଲ ଗ୍ରାମର ଉତ୍କଳମଣି ଯୁବକ ସଂଘ କାର୍ଯ୍ୟାଳୟ ପ୍ରାଙ୍ଗଣରେ ୧୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପନିପରିବା ଚାଷ ଲାଗି ବିହନ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବଡ଼ରମା ସରପଞ୍ଚ ବିଜୟ କୁମାର ନାଏକ, କୃଷକ ସାଥି ଜିତେନ୍ଦ୍ର ପଧାନ, ଗ୍ରାମବାସୀ ଗଙ୍ଗାଧର ନାୟକ, ଅରବିନ୍ଦ ନାୟକ, ପ୍ରଶାନ୍ତ ପଟେଲ, ସିଆର୍‌ପି ନଳିନୀ ଧୁରୁଆ, ରୁକ୍ମଣୀ ପଧାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟା ଉପସ୍ଥିତ ଥିଲେ।

## ପାନୀୟ ଜଳ ସମସ୍ୟା ଦୂର ପାଇଁ ମନ୍ତ୍ରୀଙ୍କୁ ଫେରାଦ

**ଟିଟିଲାଗଡ଼,୯।୪(ଡି.ଏନ.ଏ.):** ଟିଟିଲାଗଡ ବ୍ଲକର ଜଳକ୍ଲିଷ୍ଟ ଲୁଥୁରବନ୍ଧ ପଞ୍ଚାୟତର ସରପଞ୍ଚ ଜ୍ୟୋସ୍ନା ସାହୁ ମନ୍ତ୍ରୀ ଟୁକୁନି ସାହୁଙ୍କୁ ସାକ୍ଷାତ କରିଛନ୍ତି। ପଞ୍ଚାୟତର ପାନୀୟ ଜଳ ସମସ୍ୟାର ଦରୂକରଣ ପାଇଁ ସେ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ବ୍ଲକ ବିଜେଡି ସଭାପତି ପଦ୍ମଲୋଚନ ପୋଦଙ୍କ ଉପସ୍ଥିତିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବାଲକୃଷ୍ଣ ଷାଣ୍ଡ, ନରେନ୍ଦ୍ର ସାହୁ, ନରେନ୍ଦ୍ର ସାହୁ, ସନ୍ତୋଷ ବିଶି, ବୈବସ୍ୱତ ସାହୁ, ତ୍ରିଲୋଚନ ସାହୁ, ଉଦ୍ଧବ ହରପାଲ, ଫିରୋଜ ସାହା, ସୁରେଶ ସାହା, ସଞ୍ଜୟ ସାହା, ପ୍ରକାଶ ଭୋଇ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଥିଲେ।

# ହୋ ସମାଜ ପାଳିଲା ମାଗେ ପରବ

## ପ୍ରକୃତି ଦେବୀଙ୍କୁ ପୂଜାର୍ଚ୍ଚନା କଲେ

ନାକଟିଦେଉଳ,୯।୪ (ଡ଼ି.ଏନ.ଏ.)

ପ୍ରକୃତି ଦେବୀଙ୍କୁ ସମାଜର ବିଭିନ୍ନ ସମ୍ପ୍ରଦାୟର ଲୋକେ ଭିନ୍ନ ଭିନ୍ନ ଢଙ୍ଗରେ ପୂଜା କରିଆସୁଛନ୍ତି। କେହି ମୂର୍ତ୍ତି ପୂଜା ତ ଆଉ କେହି ଗଛଲତାକୁ ପୂଜା କରୁଛନ୍ତି। ହୋ ସମାଜର ଲୋକେ ପ୍ରକୃତିର ସୁରକ୍ଷା ପାଇଁ ବର୍ଷକୁ ଥରେ ଏହି ପୂଜା କରୁଛନ୍ତି, ଯାହାକୁ ସେମାନେ ମାଗେ ପରବ ବୋଲି କହନ୍ତି। ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତ କାଉଁଶୀପାଳ ଦନେଇମୁଣ୍ଡା ସାହିର ହୋ ସମାଜର ଲୋକେ ଏପ୍ରିଲ ୭ ଓ ୮ତାରିଖ ଦୁଇଦିନ ଧରି ମାଗେ ପରବ ପାଳନ କରିଛନ୍ତି। ପ୍ରକୃତି ଦେବୀଙ୍କୁ ପୂଜା କଲେ ଭଲ ବର୍ଷା ଓ ଫସଲ ଅମଳ ହେବ। ବଣ ଜଙ୍ଗଲ ଓ ନଦୀନାଳ ପୂରି ଉଠିବ। ଏହି ବିଶ୍ୱାସ ରଖି ହୋ ସମାଜର ଅଧିବାସୀ ପୂଜା କରିଥିଲେ। ଦନେଇମୁଣ୍ଡାର ଲୋକେ ବେସାଭଲି ବେଙ୍ଗା ମାରାଙ୍ଗ ପରବ ଏବଂ ୮ତାରିଖରେ ଯାତ୍ରା ପରବ ସହ ଶନିବାର ହାର ବାଗେୟା ପୂଜା କରିଥିଲେ। ଏହି ଅବସରରେ ହୋ ସମ୍ପ୍ରଦାୟର ପୂଜକ ସଞ୍ଜିତ ବବଙ୍ଗା ଓ ରମେଶ ତିରିଆ ପୃଥକ୍ ସ୍ଥାନରେ ପ୍ରକୃତି ଦେବୀଙ୍କୁ ପୂଜାର୍ଚ୍ଚନା କରି ଆବାହନ କରିଥିଲେ। ସେମାନେ ଗାଁ ମୁଣ୍ଡରେ ଥିବା ଏକ ଶାଳଗଛ ମୂଳରେ ପ୍ରକୃତି ଦେବୀଙ୍କୁ ପୂଜାର୍ଚ୍ଚନା କରି କୁକୁଡ଼ା ବଳି ଚଢ଼ାଇଥିଲେ। ପରେ ସେଠାରୁ ଫେରି ଗାଁ ମୁଣ୍ଡରେ ଏକାଠି ହୋଇ ମାଦଳର ତାଳେ ତାଳେ ଝୁମି ଉଠିଥିଲେ। ହୋ ସମାଜର ଲୋକେ ଘରକୁ ଗୋବରରେ ଲିପାପୋଛା କରିବା ସହ ନୂତନ ବସ୍ତ୍ର ପରିଧାନ କରି ଖୁସି ମନାଇଥିଲେ। ପରବ ଉପଲକ୍ଷେ ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମାଗେ ପରବ ସମିତି ସଭାପତି ମାନତୁରିଆ ତିରିଆ, ଶିମିଳିପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଞ୍ଜିତ ତିରିଆ, ସାମାଜିକ କର୍ମୀ ବେନେଦିକ ଲାକ୍ରା, ଫିଲମନ ଲାକ୍ରା, ଖବରଦାତା ସନ୍ତୋଷ କୁମାର ସାହୁ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜ କିଶୋର ସାହୁ ପ୍ରମୁଖ ସାମିଲ ହୋଇ ହୋ ସମାଜର ଲୋକଙ୍କୁ ଉତ୍ସାହିତ କରିଥିଲେ।



ମାଦଳ ବଜାଇ ନାଚଗୀତ କରୁଛନ୍ତି ହୋ ସମାଜ ଲୋକେ।

## ପ୍ରତାରଣା କରି ଯୁବକ ଗିରଫ

ଜମନକିରା,୯।୪(ଡି.ଏନ.ଏ.)

ପ୍ରତାରଣା କରିବା ଅଭିଯୋଗରେ ଜମନକିରା ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପ୍ରେମଜିତ ଦାସ ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବଡ଼ମାଳ ପଞ୍ଚାୟତ ଗନଘୋଷା ଗ୍ରାମର ନରେଶ ନାଏକ। ସୂଚନା ଅନୁଯାୟୀ ନରେଶ ୩ ବର୍ଷ ହେବ ଝାରସୁଗୁଡା ଜିଲା ଲଇକେରା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କରେ ରଖିଆସୁଥିଲେ। ହେଲେ ପରେ ସେ ବିବାହ କରିବାକୁ ମନା କରିବାରୁ ଯୁବତୀ ଜଣକ ଶୁକ୍ରବାର ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଧାରା ୪୯୩/୪୧୭/୫୦୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## କୁଞ୍ଜବନ ଉନ୍ନୟନ ମଞ୍ଚ ଓ କମିଟି ଗଠିତ

ନାକଟିଦେଉଳ,୯।୪(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ କତାରାପାଲି ଗ୍ରାମର କୁଞ୍ଜବନ ଆଶ୍ରମ ପରିସରରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନେତ୍ରାନନ୍ଦ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅଞ୍ଚଳର ସର୍ବପୁରାତନ ଯଜ୍ଞପୀଠ କୁଞ୍ଜବନ ଆଶ୍ରମର ବିକାଶ ପାଇଁ କୁଞ୍ଜବନ ଉନ୍ନୟନ ମଞ୍ଚ ସହ ଏକ କମିଟି ଗଠନ କରାଯାଇଛି। କମିଟିରେ ସଭାପତି ଭାବେ ହୁସେନ କୁମାର ସାହୁ, ଉପସଭାପତି ଦନାର୍ଦ୍ଦନ ପ୍ରଧାନ, ସମ୍ପାଦକ ଅଶୋକ କୁମାର ସାହୁ, ସହ ସମ୍ପାଦକ ସମୀର କୁମାର ପ୍ରଧାନ, କୋଷାଧ୍ୟକ୍ଷ ମହେଶ୍ୱର ପ୍ରଧାନ ଓ ମିଡ଼ିଆ ସଂଯୋଜକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଦୀପେନ କୁମାର ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା। କୁଞ୍ଜବନ ପୀଠ ଦ୍ୱାରଦେଶରେ ଏକ ତୋରଣ ନିର୍ମାଣ ସହ ଚାରିପାଖରେ ପାଚେରି ନିର୍ମାଣ ପାଇଁ କିଛି ସଭ୍ୟ ମତବ୍ୟକ୍ତ କରିଥିଲେ। ଆଶ୍ରମର ବିକାଶମୂଳକ କାର୍ଯ୍ୟ ଲାଗି ପାଣ୍ଠି ସଂଗ୍ରହ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

# ନକଲି ମଦ ଜବତ, ଜଣେ ଗିରଫ

ଝାରସୁଗୁଡ଼ା ଅଫିସ,୯।୪

ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ବିଶେଷ ସୂତ୍ରରୁ ଖବରପାଇ ଶନିବାର ପୂର୍ବାହ୍ନରେ ଝାରସୁଗୁଡା ଜିଲା ବନହରପାଲି ଥାନା ଅନ୍ତର୍ଗତ ବନ୍ଧବାହାଲ ମାର୍କେଟ୍‌ରେ ଥିବା କଲ୍ୟାଣୀ ଢାବାରେ ଚଢ଼ାଉକରି ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ। ଏହାସହ ୪୨ବୋତଲ ନକଲି ହୁସ୍କି, ୮୭୦ ନକଲି ଲେବୁଲ୍, ୨୯୮ନକଲି ଠିପି, ପ୍ଲାଷ୍ଟିକ୍ ଜାର୍କିନରେ ଥିବା ସ୍ପିରିଟ୍, ବଟଲ୍ ପଞ୍ଚ୍ ମେଶିନ୍ ଆଦି ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଢାବା ମାଲିକଙ୍କ ପୁଅ ମୁକେଶ ପ୍ରଧାନ(୩୦)ଙ୍କୁ ଅବକାରୀ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ଏ ନେଇ ଅବକାରୀ ବିଭାଗ କେସ୍ ନଂ.୧୪/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଅବକାରୀ ଗୁଇନ୍ଦା ବିଭାଗ ତଦନ୍ତରୁ ଜଣାପଡିଛି, ନକଲି ମଦ ତିଆରି ପାଇଁ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡରୁ ବଟଲ୍ ଆସୁଥିବାବେଳେ ଏହାର ଠିପ୍ ଓ ଲେବୁଲ୍ ପଶ୍ଚିମବଙ୍ଗରୁ ଆସୁଛି। ପରେ ସ୍ପିରିଟ୍, କେମିକାଲ୍ ଓ ନିଶା ହେବା ପାଇଁ କେତେକ ମାଦକଦ୍ରବ୍ୟ ଏଥିରେ ମିଶ୍ରିତ କରାଯାଉଛି। ଏସବୁ ସାମଗ୍ରୀ ସଂଗ୍ରହକରି ଢାବା ମାଲିକ ବନ୍ଧବାହାଲରେ ନକଲି ବିଦେଶୀ ମଦ



ଜବତ ନକଲି ବିଦେଶୀ ମଦ ଓ ଗିରଫ ମୁକେଶ ପ୍ରଧାନ।

**ଢାବାରେ ଅବକାରୀ ଚଢ଼ାଉ**

ପ୍ରସ୍ତୁତ କରି ନିଜ ଢାବା ଓ ଅନ୍ୟ ଢାବାକୁ ବିକ୍ରି ପାଇଁ ପଠାଇଥାନ୍ତି। ଏହି ଘଟଣାରେ ଢାବା ମାଲିକ ପ୍ରସନ୍ନ ପ୍ରଧାନ ଓ ତାଙ୍କ ପୁଅ ମୁକେଶଙ୍କ ନାମରେ ଅବକାରୀ ବିଭାଗ ମାମଲା ରୁଜୁ କରିଛି। ମୁକେଶ ଗିରଫ ହୋଇଥିବାବେଳେ ପ୍ରସନ୍ନ ଫେରାର ଥିବା ସମ୍ବଲପୁର ଅବକାରୀ ଗୁଇନ୍ଦା ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଚଢାଉରେ ସମ୍ବଲପୁର ଅବକାରୀ ଗୁଇନ୍ଦା ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ମଣ୍ଡଳ, ଇନ୍ସପେକ୍ଟର ବିନୟ ତିର୍କୀ, ବନ୍ଦନ ପଟ୍ଟନାୟକ, ହେମନ୍ତ ମହାନନ୍ଦିଆ, ବିଜୟ ଲାକ୍ରା ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ସମ୍ବଲପୁର ଅବକାରୀ ଗୁଇନ୍ଦା ବିଭାଗ ତରଫରୁ ଗତ ଡିସେମ୍ବର ୧୬ରେ ଉକ୍ତ ଢାବାରେ ଚଢାଉ କରାଯାଇ ନକଲି ବିଦେଶୀ ମଦ ଓ ମଦତିଆରି ସରଞ୍ଜାମ ଜବତ ହୋଇଥିଲା। ଢାବା ମାଲିକ ପ୍ରସନ୍ନ ଫେରାର୍ ହୋଇଯାଇଥିବାବେଳେ ମ୍ୟାନେଜର ଲିପୁନ୍ କୁମାର ଜେନାଙ୍କୁ ଅବକାରୀ ପୋଲିସ୍ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ.୨୭୧/୨୧) ରୁଜୁ ହୋଇଥିଲା ।

## କେଶାଇବାହାଲ କଲେଜରେ ବାର୍ଷିକୋତ୍ସବ

କୁଚିଣ୍ଡା,୯।୪ (ଡି.ଏନ.ଏ.)

ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟବକ୍ତା ଓ ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୁରୁଆ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ରାଜେନ୍ଦ୍ର ଛତ୍ରିଆ, ସରପଞ୍ଚ ବାନେଶ୍ୱର ନାଏକ, ପ୍ରତିଷ୍ଠାତା ସଭାପତି ସଜ୍ଜନ ଖଣ୍ଡେଲୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଅଧ୍ୟାପକ ହରେଷ ସାହୁ, ଆଲୁମ୍‌ନି ସଭାପତି ପଦ୍ମଚରଣ ଗୁରୁ, ଉପସଭାପତି ସୌମ୍ୟରଞ୍ଜନ ଧଳ, ସମ୍ପାଦକ ବିଜୁ ଶଙ୍କର ସାହୁ, କୋଷାଧ୍ୟକ୍ଷ ଦେବରାଜ ବେହେରା ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ରାସ୍ତାରୋକୋ

କୁତ୍ରା, ୯।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ସମଲେଇମୁଣ୍ଡା ନିକଟରେ ଶନିବାର ଅପରାହ୍ନରେ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଘଟଣାରୁ ଜଣାପଡିଛି ଯେ ଶନିବାର ଅପରାହ୍ନରେ ସମଲେଇମୁଣ୍ଡା ନିକଟରେ ସଡକ ଦୁର୍ଘଟଣା ଯୋଗୁ ତରକେରା ଗ୍ରାମର ପଦ୍ମଲୋଚନ ମାଝୀ (୨୮)ଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ତେବେ ଦୁର୍ଘଟଣା କେମିତି ହେଲା ତାହା ସ୍ପଷ୍ଟ ଜଣା ପଡି ନ ଥିଲେ ହେଁ ଏକ ଟ୍ରାକ୍ଟରରେ ବସି ଯାଉଥିବା ବେଳେ ଟ୍ରାକ୍ଟରରୁ ପଡିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ପ୍ରକୃତ ସତ୍ୟାସତ୍ୟ ପୋଲିସର ତଦନ୍ତ ପରେ ଜଣାପଡିବ। ତେବେ ଏହାକୁ ନେଇ କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ତରଫରୁ ସମଲେଇମୁଣ୍ଡା ରାସ୍ତାକୁ ଅବରୋଧ କରାଯାଇଥିଲା। ପରେ ଲାଙ୍ଗିବେର୍ଣ୍ଣା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପାଇଁ ଚେଷ୍ଟା କରିଥିଲେ ହେଁ ବିଫଳ ହେବାରୁ କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରିଥିଲେ। ଏହା ସହିତ ଶବସତ୍କାର କରିବା ପାଇଁ ରେଡ଼କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନର ପ୍ରତିଶ୍ରୃତି ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ୭୯କେଜି ଗଞ୍ଜେଇ ସହ କାର୍ ଜବତ

ନାକଟିଦେଉଳ,୯।୪(ଡ଼ି.ଏନ.ଏ.)

ନାକଟିଦେଉଳ ଥାନା ପୋଲିସ ଶୁକ୍ରବାର ସନ୍ଧ୍ୟାରେ ତଣ୍ଡାବିରା କୁଡ଼ାନାଳୀ ରାସ୍ତାରେ ଚଢ଼ାଉ କରି କାର୍ ସହ ୭୯କେଜି ଗଞ୍ଜେଇ ଜବତ କରିଛି। ପୋଲିସ ସୂଚନା ଅନୁସାରେ ବୌଦ୍ଧରୁ ନାକଟିଦେଉଳ ଆସୁଥିବା କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ପୋଲିସ ଚରଡ଼ପଶି ଛକଠାରେ ଗାଡ଼ିମୋଟର ଯାଞ୍ଚ କରିଥିଲେ। ଏହା ଜାଣିପାରି ଚୋରା ଚାଲାଣକାରୀ ଶିମିଳିପାଳ ଛକଠାରୁ ଗାଡ଼ି ବୁଲାଇ କିଛିବାଟ ଯିବା ପରେ ଗାଡ଼ି ରଖି ଫେରାର ହୋଇଯାଇଥିଲେ। ପିଛା କରୁଥିବା ପୋଲିସ କୋଇଲାପଦାରୁ ଓଡ଼ି୦୨ଡ଼ି-୪୫୭୪ ନମ୍ବର ବିଶିଷ୍ଟ ଇଣ୍ଡିଗୋ କାର ସହ ଏହା ଭିତରେ ଥିବା ୭୯କେଜି ଗଞ୍ଜେଇ ଜବତ କରିଥିଲେ। ଥାନା ଆଇଆଇସି ବିଭୂତି ଭୂଷଣ ଦଳାଇଙ୍କ ନେତୃତ୍ୱରେ ଏସ୍‌ଆଇ ପବିତ୍ର ଭୋଇ, ଏଏସ୍‌ଆଇ ସୁଲେମାନ ହରୋ ଓ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୭୦/୨୨) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।



ଜବତ କାର୍ ଓ ଗଞ୍ଜେଇ।

# ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

ଝାରସୁଗୁଡ଼ା ଅଫିସ,୯।୪

**ଲଖନପୁର ପଞ୍ଚାୟତ ସମିତି ବୈଠକ**

ଚଳିତ ନିର୍ବାଚନ ପରେ ଝାରସୁଗୁଡ଼ା ଜିଲା ଲଖନପୁର ପଞ୍ଚାୟତ ସମିତିର ପ୍ରଥମ ବୈଠକ ଶନିବାର ସମିତି ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପାଧ୍ୟକ୍ଷ ଅରୁଣ ପ୍ରଧାନ, ବିଡିଓ ସଞ୍ଜୀବ ପଟେଲ, ଏବିଡିଓ ଗୋପାଳକୃଷ୍ଣ ମିଶ୍ର, ଅତିରିକ୍ତ ତହସିଲଦାର ଅନୁରଞ୍ଜନ ଟେଟେ, ଜିଲାପରିଷଦ ସନତ ସିଂହ, ପୁଷ୍ପାଞ୍ଜଳି ସେଠ୍, ସରପଞ୍ଚ ରଘୁମଣି ପ୍ରଧାନ, ସଞ୍ଜୀବ ପ୍ରଧାନ, ଆକାଶ ସାହୁ, ସମିତିସଭ୍ୟ ରୋହିତ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଉନ୍ନତୀକରଣ, ଭତ୍ତା ଆଦି ଉପରେ ଆଲୋଚନା ହୋଇଥିଲା । ଏମ୍‌ସିଏଲ୍ ତରଫରୁ ପାନୀୟଜଳ ଯୋଗାଣ ଆରମ୍ଭ ହୋଇ ନ ଥିବାରୁ ପିଆର୍‌ଆଇ ସଦସ୍ୟମାନେ କ୍ଷୋଭ ପ୍ରକାଶ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ପ୍ରତି ପଞ୍ଚାୟତରେ ଅଚଳ ନଳକୂପ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ ସହ ନୂଆ ନଳକୂପ ଖୋଳିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ସାଙ୍ଗକୁ ସ୍କୁଲ୍‌ରେ ଶିକ୍ଷକ ଅଭାବ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ସରସ୍ୱତୀ ବିଦ୍ୟାମନ୍ଦିରରେ ବାର୍ଷିକୋତ୍ସବ

କୁଚିଣ୍ଡା,୯।୪(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଶୁକ୍ରବାର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ନରେଶ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ ମୁଖ୍ୟଅତିଥି, ବିଶ୍ୱ ହିନ୍ଦୁ ପରିଷଦ କ୍ଷେତ୍ରୀୟ ସମ୍ପାଦକ ତଥା ଅଖିଳ ଭାରତୀୟ ସତ୍‌ସଙ୍ଗ ପ୍ରମୁଖ ଡ. ବସନ୍ତ କୁମାର ରଥ ମୁଖ୍ୟବକ୍ତା ଓ କୁନ୍ତରା ସରପଞ୍ଚ ସୁନୀତା କିସାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜୁଆଆଡ୍ଡାରେ ଚଢ଼ାଉ: ୮ ଗିରଫ

ସୁନ୍ଦରଗଡ଼,୯।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଶୁକ୍ରବାର ସନ୍ଧ୍ୟାରେ ବାଇପାସ୍ ରାସ୍ତାର ଏକ ପେଟ୍ରୋଲ ପମ୍ପ ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ। ଆଠ ଜଣଙ୍କୁ ଗିରଫ କରିଛି।

## ଗାୟତ୍ରୀ କଲେଜ ପକ୍ଷରୁ ଭୌତିକ ଚିକିତ୍ସା ଶିବିର

ରେଙ୍ଗାଲି,୯।୪(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ରମ୍ପେଲା ଗ୍ରାମ କଲ୍ୟାଣ ମଣ୍ଡପଠାରେ ସ୍ୱାଧୀନ ଏକତା ସଙ୍ଗଠନ ଓ ଗାୟତ୍ରୀ କଲେଜ ଅଫ ଫିଜିଓଥେରାପି ମିଳିତ ଆନୁକୂଲ୍ୟରେ ଶନିବାର ମାଗଣା ଭୌତିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଗାୟତ୍ରୀ କଲେଜର ପରିଚାଳନା ନିର୍ଦ୍ଦେଶକ ଅଶୋକ ଶତପଥୀ, ସମ୍ପାଦକ ଶିବ ନାରାୟଣ ଶତପଥୀ, ଏକତା ସଙ୍ଗଠନ ସଭାପତି ରାଜୀବ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଗାୟତ୍ରୀ କଲେଜ ସଂଯୋଜକ ଡ. ନିହାର ରଞ୍ଜନ ଶୁଭ ଉଦ୍‌ଘାଟନ ହୋଇଥିଲା। ଡ. ମନିଶ ସାହା, ଡ. ରମାଶିଷ ତ୍ରିପାଠୀ, ଡ. ପ୍ରଦ୍ୟୋତ କୁମାର କୁଇଲା, ନିକିତା ମିଶ୍ର ଓ ଗାୟତ୍ରୀ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ରହି ଚିକିତ୍ସା ପ୍ରଦାନ କରିଥିଲେ। ଏଥିରେ ୬୨ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ଆଣ୍ଠୁ, ଗଣ୍ଠି, ଅଣ୍ଟା, ବେକ ଓ ପିଠି ଯନ୍ତ୍ରଣାର ଚିକିତ୍ସା କରାଯାଇଥିଲା। ସଙ୍ଗଠନ ସମ୍ପାଦକ ସରୋଜ ବିଶୋଇ, ତାରାକାନ୍ତ ପଟ୍ଟନାୟକ, ସଞ୍ଜିବ ମିଶ୍ର, ଦିବ୍ୟ କିଶୋର ସରାଫ, ସ୍ୱାଗତ କୁମାର ପୃଷ୍ଟି, ପ୍ରଫୁଲ୍ଲ ଗହୀର, ନବୀନ ସାହୁ, ଆଶିଷ ଶର୍ମା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ।

# ପ୍ରଭାବିତ ଅଞ୍ଚଳରେ କମ୍ପାନୀ ପ୍ରତିନିଧି ଦଳ

ଝାରସୁଗୁଡ଼ା ଅଫିସ,୯।୪

**ଓପିଜିସି ପାଉଁଶ ପାଇପ୍ ଫାଟିବା ପ୍ରସଙ୍ଗ**

- ପ୍ରତିକାର ପାଇଁ ଦେଲେ ପ୍ରତିଶ୍ରୁତି

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ଇବ୍‌ଥର୍ମାଲ ପ୍ରକଳ୍ପ ପାଉଁଶ ପାଇପ୍ ଲାଇନ୍ ଶୁକ୍ରବାର ଫାଟିଯିବା ଫଳରେ ତରଳ ବର୍ଜ୍ୟବସ୍ତୁ ପାଉଁଶ ନିକଟସ୍ଥ ଗ୍ରାମ ବନହରପାଲି ଅଞ୍ଚଳରେ ମାଡିଯାଇଥିଲା। ଏଥିରେ ଗାଁ ପୋଖରୀ, ଚାଷଜମି ଆଦି ପ୍ରଭାବିତ ହୋଇଛି। ଏ ନେଇ ଉତ୍ତେଜିତ ଗ୍ରାମବାସୀ ଇବ୍‌ଥର୍ମାଲ ପ୍ରକଳ୍ପ ରିସର୍ଚ୍ଚ ସେଣ୍ଟର ଘେରାଉ କରିଥିଲେ। କମ୍ପାନୀ ତରଫରୁ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

କମ୍ପାନୀର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ଶନିବାର ସକାଳେ ପାଉଁଶ ମାଡିଯାଇଥିବା ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିଲେ। ପରେ ସେମାନେ ବନହରପାଲି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ଦାବି ରହିଥିଲା ତରଳ ବର୍ଜ୍ୟବସ୍ତୁ ପାଉଁଶ ଗାଁ ପୋଖରୀରେ ମାଡିଯିବା ଫଳରେ ଜଳାଶୟ ପାଣି ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ସେହିପରି ମାଛଚାଷ ମଧ୍ୟ ପ୍ରଭାବିତ ହୋଇଛି। ଏ ବାବଦକୁ ଗ୍ରାମବାସୀ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି। ଏହା ସହିତ ପୋଖରୀରୁ ପ୍ରଦୂଷିତ ଜଳ ନିଷ୍କାସନ, ଗ୍ରାମକୁ ପାନୀୟ ଜଳ ଯୋଗାଣ, ଚାଷ ଜମିରୁ ପାଉଁଶ ବାହାର କରିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି କରିଥିଲେ। କମ୍ପାନୀ ପକ୍ଷରୁ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ କରାଯିବା ସହ ଗାଁ ପୋଖରୀରେ ପ୍ରଦୂଷିତ ପାଣିକୁ ବିଶୋଧନ କରିବାପାଇଁ ଆଲମ୍ ପକାଯାଇଛି। ବହୁଶୀଘ୍ର ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ, ପୋଖରୀ ପୁନରୁଦ୍ଧାର ପାଇଁ ବ୍ୟୟ ଅଟକଳ କରାଯାଇ କାମ ଆରମ୍ଭ କରାଯିବ । ପାଇପ୍ ଫାଟିଲେ ପାଉଁଶ ବାହାରକୁ ନ ଯିବା ପାଇଁ ଗାଡ଼୍‌ୱାଲ୍ ନିର୍ମାଣ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ ସିପିଆଇ ନେତା ରମେଶ ତ୍ରିପାଠୀ, ଯୋଗେନ୍ଦ୍ର ମାଝି, ଗୌରଚନ୍ଦ୍ର କାଲୋ ପ୍ରମୁଖ ପ୍ରଭାବିତ ଅଞ୍ଚଳ ପରିଦର୍ଶନକରି ଏ ସମ୍ପର୍କରେ ଜିଲା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଭାଗୀୟ ତଦନ୍ତକରି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ଏହା ନ ହେଲେ ଦଳ ତରଫରୁ ଆନ୍ଦୋଳନ କରାଯିବା ସହ ଏନ୍‌ଜିଟିରେ ଫାଇଲ୍ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। କମ୍ପାନୀର ପ୍ରତିନିଧି ଦଳ ପରିଦର୍ଶନ ସମୟରେ ଗ୍ରାମବାସୀଙ୍କ ତରଫରୁ ତେଲେନପାଲି ସରପଞ୍ଚ ଆକାଶ ସାହୁ, ଗୌରଚନ୍ଦ୍ର କାଲୋ, କାର୍ତ୍ତିକ ଚନ୍ଦନ, ସନ୍ତୋଷ ବଗର୍ତ୍ତି, ମନବୋଧ ଚନ୍ଦନ, ଅନସୂୟା ସା, ମନୋଜ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ ନାୟକ କହିଛନ୍ତି, ସେ ବିଭାଗୀୟ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟ ଅନୁଯାୟୀ ଗ୍ରାମବାସୀଙ୍କୁ କ୍ଷତିପୂରଣ ପ୍ରଦାନ ସହ କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପାଉଁଶ ପାଣି ମିଶିଥିବା ଗାଁ ପୋଖରୀ ଅନୁଧ୍ୟାନ କରୁଛନ୍ତି ପ୍ରତିନିଧି ଦଳ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୦ ଏପ୍ରିଲ, ୨୦୨୨



## ସୈନିକ କ୍ଲବ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହାରେ ଏକ ସୈନିକ କ୍ଲବ ସ୍ଥାପନ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ସୈନିକ କ୍ଲବ ଅଧ୍ୟକ୍ଷ ଚତୁର ଦଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମୁକେଶ ମହାଲିଙ୍ଗ ଅତିଥିଭାବେ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲୋଇସିଂହାର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ସୈନିକ କ୍ଲବର ସଦସ୍ୟ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଲୋଇସିଂହା ଓ ଆଖପାଖ ଗ୍ରାମର ଅବସରପ୍ରାପ୍ତ ଓ କାର୍ଯ୍ୟରତ ସୈନିକଙ୍କୁ ନେଇ ସୈନିକ କ୍ଲବ ଗଠନ କରାଯାଇଛି । ଲୋଇସିଂହା-ପଦ୍ମପୁର ରାସ୍ତାର କଂକ୍ରିଟ ଖଲା ନିକଟରେ ସୈନିକ କ୍ଲବ ନିର୍ମାଣ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ।

## ସଂକ୍ଷେପରେ

### ପାନୀୟ ଜଳ ସମସ୍ୟା ଦୂର ପାଇଁ ମନ୍ତ୍ରୀଙ୍କୁ ଫେରାଦ

**ଟିଟିଲାଗଡ଼,୯।୪(ଡି.ଏନ.ଏ.):** ଟିଟିଲାଗଡ ବ୍ଲକର ଜଳକ୍ଲିଷ୍ଟ ଲୁଥୁରବନ୍ଧ ପଞ୍ଚାୟତର ସରପଞ୍ଚ ଜ୍ୟୋତ୍ସ୍ନା ସାହୁ ମନ୍ତ୍ରୀ ଟୁକୁନି ସାହୁଙ୍କୁ ସାକ୍ଷାତ କରିଛନ୍ତି। ପଞ୍ଚାୟତର ପାନୀୟ ଜଳ ସମସ୍ୟାର ଦରୂକରଣ ପାଇଁ ସେ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ବ୍ଲକ ବିଜେଡି ସଭାପତି ପଦ୍ମଲୋଚନ ପୋଢଙ୍କ ଉପସ୍ଥିତିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବାଲକୃଷ୍ଣ ଷାଣ୍ଡ, ନରେନ୍ଦ୍ର ସାହୁ, ନରେନ୍ଦ୍ର ସାହୁ, ସନ୍ତୋଷ ବିଶି, ସୁରେନ୍ଦ୍ର ସାହା, ପ୍ରଦୀପ ଜାନୀ, ରାଜେନ୍ଦ୍ର ଜାନୀ, ବୈବସ୍ବତ ସାହୁ, ତ୍ରିଲୋଚନ ସାହୁ, ଉଦ୍ଧବ ହରପାଲ, ଫିରୋଜ ସାହା, ସୁରେଶ ସାହା, ସଞ୍ଜୟ ସାହା, ପ୍ରକାଶ ଭୋଇ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟିଥିଲେ। ଲୁଥୁରବନ୍ଧ ଏବଂ ମହଦାରେ ବର୍ଷବର୍ଷ ଧରି ପାନୀୟ ଜଳ ସଙ୍କଟ ଉତ୍କଟ ହୋଇଥିବା ଅଭିଯୋଗ କରିଥିଲେ। ମହଦା ଗ୍ରାମରେ ଥିବା ଜଳାଶୟର ଉନ୍ନତୀକରଣ ଦାବି କରିଥିଲେ। ଏନେଇ ମନ୍ତ୍ରୀ ୫ ଲକ୍ଷ ଟଙ୍କା ମଞ୍ଜୁର କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ସେହିପରି ଲୁଥୁରବନ୍ଧ ସରକାରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁ ବର୍ଷ ହେଲା ଡାକ୍ତର ନଥିବା ନେଇ ଅଞ୍ଚଳବାସୀ ତୁରନ୍ତ ଡାକ୍ତର ନିଯୁକ୍ତି ଦାବି କରିଛନ୍ତି।

### ଯୋଗଦେଲେ ୩ ରାଜସ୍ୱ ନିରୀକ୍ଷକ

**ଖପ୍ରାଖୋଲ,୯।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲରେ ତିନିଜଣ ରାଜସ୍ୱ ନିରୀକ୍ଷକ ଯୋଗ ଦେଇଛନ୍ତି। ତହସିଲରେ ୬ଟି ରାଜସ୍ୱ ନିରୀକ୍ଷକ ସର୍କଲ ଥିବା ବେଳେ ପୂର୍ବରୁ ଜଣେ ମାତ୍ର ରାଜସ୍ୱ ନିରୀକ୍ଷକ ଥିଲେ। ସୁବ୍ରତ ରଞ୍ଜନ ଭୋଇଙ୍କୁ ଲୁହାସିଙ୍ଗା, ଦୀପକ କୁମାର ସାହୁଙ୍କୁ ଖପ୍ରାଖୋଲ ଓ ଧଣ୍ଡାମୁଣ୍ଡା ଏବଂ ସତ୍ୟନାରାୟଣ କୁମୁରଙ୍କୁ ନନ୍ଦୁପଲା, ତେଲେନପାଲି, ଲାଠୋର ଦାୟିତ୍ୱ ଦିଆଯାଇଥିବା ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି।

### ବିଭିନ୍ନ ଗାଁରେ ବିହନଛିନା ଯାତ୍ରା

**ନୂଆପଡ଼ା ଅଫିସ,୯।୪:** ନୂଆପଡା ଜିଲାର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଦେବୀଦେବତା ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି। ଚୈତ୍ର ମାସ ଅମାବାସ୍ୟାଠାରୁ ଗ୍ରାମରେ ଥିବା ଦେବୀଦେବତାଙ୍କୁ ଗ୍ରାମ ଝାଙ୍କର ଦ୍ୱାରା ପୂଜା ଅର୍ଚ୍ଚନା କରି ଧାନ ବିହନ ଦେଇଥାନ୍ତି। ସେହି ଧାନକୁ ଲୋକେ ନେଇ ଘରେ ପୂଜାଅର୍ଚ୍ଚନା କରି ରଖିଥାନ୍ତି। ଏହି ପର୍ବକୁ ବିହଛିନା ଯାତ୍ରା କିମ୍ବା ଚୈତ୍ରପର୍ବ ବୋଲି କୁହାଯାଏ। ଅକ୍ଷୟ ତୃତୀୟା ଦିନ ଜମିରେ ପୂଜାଅର୍ଚ୍ଚନା କରି ଜମିରେ ବୁଣିଥାନ୍ତି। ତାହାକୁ ଅକ୍ଷିମୁଠି ବୋଲି କୁହାଯାଏ। ସେହି ଦିନଠାରୁ ଚାଷକାର୍ଯ୍ୟ ଆରମ୍ଭ ହୋଇଥାଏ। ଜିଲାର ପ୍ରତ୍ୟେକ ଗାଁରେ ଗ୍ରାମ୍ୟ ଦେବୀଦେବତାଙ୍କୁ ପୂଜା କରିବା ମାଟି ଦେବତାର ଶାନ୍ତି ପାଇଁ ବୋଦା ବଳି ମଧ୍ୟ ଦିଆଯାଇଥାଏ। ତା ସହିତ ଗାଁ ଗାଁରେ ବୋଏଲ ଯାତ୍ରା ଅନୁଷ୍ଠିତ ହୋଇଥାଏ। ବୋଏଲ ଯାତ୍ରା ସମୟରେ ବରୁଆକୁ ବିଭିନ୍ନ ଦେବଦେବୀ ନାମରେ କାଳସି ଆସି ଗ୍ରାମ ଲୋକଙ୍କୁ ବଚନ ଦେଇଥାନ୍ତି। ପୂର୍ବରୁ ଲୋକଙ୍କ ବିଶ୍ୱାସ ରହିଥିବାରୁ କାଳସି ପାଖରେ ଅଧିଆ ପଡି ମନସ୍କାମନା କରିଥାନ୍ତି। ମନସ୍କାମନା ପୂର୍ଣ୍ଣ ହୋଇଥିବା ଲୋକେ ବୋଏଲ ଯାତ୍ରାରେ ବୋଦା ବଳି ଦେଇଥାନ୍ତି। ବର୍ତ୍ତମାନ ଜିଲାର ପ୍ରତ୍ୟେକ ଗାଁରେ ଏହି ବିହନଛିନା ଯାତ୍ରା ଅନୁଷ୍ଠିତ ହେଉଛି। ଏହିଯାତ୍ରା ଚୈତ୍ର ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ।

### ଦାସକାଠିଆ ଗୁରୁ ଇନ୍ଦ୍ରମଣି ଭୋଇଙ୍କ ପରଲୋକ

**କର୍ଲାମୁଣ୍ଡା,୯।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତର ସୁନାମଧନ୍ୟ ଦାସକାଠିଆ ଗୁରୁ ଇନ୍ଦ୍ରମଣି ଭୋଇ (୭୦)ଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ଘଟିଛି। ପରଲୋକ ଖବର



ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ଦୀର୍ଘ ୫୦ ବର୍ଷ ଧରି ସେ ଲୋକକଳା ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତଥିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ହୋଇ ଅଞ୍ଚଳକୁ ଗୌରବନିତ କରିଥିଲେ। ତାଙ୍କ ବିୟୋଗରେ ଗ୍ରାମର ବିଭିନ୍ନ ସଂଘ, ଅନୁଷ୍ଠାନ, ପ୍ରେସ କ୍ଲବ ଓ ବ୍ଲକ କଳା ଓ ସଂସ୍କୃତି ସଂଘ ତଥା ଜିଲା କଳା ଓ ସଂସ୍କୃତି, ରାଜନୈତିକ ବ୍ୟକ୍ତି ବିଶେଷ ଗଭୀର ଶୋକ ପ୍ରକାଶ କରିଛନ୍ତି। ଭୋଇଙ୍କ ପରିବାରରେ ସ୍ତ୍ରୀ ଓ ଝିଅ ଅଛନ୍ତି। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ପ୍ରସ୍ତାବ ଲୋଡ଼ିଲେ, ଦେଲେ ସମାଧାନ ପ୍ରତିଶ୍ରୁତି

**ଲୋଇସିଂହା,୯।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତର ଯୁବ ସରପଞ୍ଚ ସୁଦୀପ କୁମାର ସାଙ୍କ ଆହ୍ୱାନକ୍ରମେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଗ୍ରାମ୍ୟ କମିଟି ଏବଂ ପଞ୍ଚାୟତ ଅଧୀନ ବୁର୍ଡା, ବାଞ୍ଜିପାଲି ଓ ସିଆଲବାହାଲି ଗାଁର ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଙ୍ଗନୱାଡି, ଆଶାକର୍ମୀ ଯୋଗଦେଇଥିଲେ। ସରପଞ୍ଚ ସା ବୈଠକରେ ଅଧ୍ୟକ୍ଷତା କରି କହିଥିଲେ ଯେ, ସମସ୍ତଙ୍କ ସହଯୋଗ ଏବଂ ପ୍ରଶାସନ ସହାୟତାରେ ଏକ ସୁସ୍ଥ, ସୁନ୍ଦର ଓ ବିକଶିତ ପଞ୍ଚାୟତ ଗଠନ ସମ୍ଭବ ହୋଇପାରିବ। ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ସାହୁ କହିଥିଲେ ଯେ, ୫ଟିରେ ସ୍କୁଲ ରୂପାନ୍ତୀକରଣ କାମ ମନ୍ଥର ଗତିରେ ଚାଲିଛି। ସ୍କୁଲରେ ପାଣି ସମସ୍ୟା ରହିଛି। ଏଣୁ ସ୍କୁଲ ପରିସରରେ ଏକ ଗଭୀର ନଳକୂପ ଖନନର ଆବଶ୍ୟକତା ରହିଛି । ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ସା କହିଥିଲେ ଯେ, ସ୍କୁଲର ୨୫୦ ପିଲାଙ୍କ ପାଇଁ ଏକ କନଫରେନ୍ସ ହଲ ଆବଶ୍ୟକ। ଯେଉଁଥିରେ ପ୍ରାର୍ଥନା, ମଧ୍ୟାହ୍ନ ଭୋଜନ ଓ ବିଭିନ୍ନ କାର୍ଯ୍ୟକ୍ରମ ହୋଇ ପାରିବ। ତଳିପଡା ସ୍କୁଲର ୨ଟି ଶ୍ରେଣୀ କୋଠରି ମରାମତି ଦାବି କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା କାଲସାଏ । ସେହିପରି ସିଆଲବାହାଲି ଓ ବାଞ୍ଜିପାଲି ସ୍କୁଲର ପ୍ରଧାନଶିକ୍ଷକ ନିଜ ସମସ୍ୟା ସମ୍ପର୍କରେ କହିଥିଲେ। ଅଙ୍ଗନବାଡି କର୍ମୀମାନେ କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ଓ ପାନୀୟ ଜଳ ବ୍ୟବସ୍ଥା ହୋଇ ନ ଥିବା ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ । ବୈଠକରେ ଉପସ୍ଥିତ ବୁଦ୍ଧଦେବ ସାହୁ, ଇନ୍ଦ୍ରମଣୀ ବାରି ଓ ଗ୍ରାମ୍ୟ କମିଟି ସଦସ୍ୟ ଦୂଷିତ ହୋଇ ପଡିଥିବା ପୋଖରୀର ପୁନରୁଦ୍ଧାର ଓ ଜବରଦଖଲ ଯୋଗୁ ସଙ୍କୁଚିତ ଗ୍ରାମ୍ୟ ରାସ୍ତାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଏସବୁ ସମସ୍ୟା ପ୍ରଶାସନକୁ ଜଣାଇ ସମାଧାନର ବାଟ ବାହାର କରାଯିବ ବୋଲି ସରପଞ୍ଚ କହିଥିଲେ । ଶିକ୍ଷକ ଓ ଅଙ୍ଗନବାଡି କର୍ମୀମାନେ ନିର୍ଦ୍ଧାରିତ ସମୟରେ ସ୍କୁଲ ଆସି ଦାୟିତ୍ୱ ନିର୍ବାହ କରିବାକୁ ସରପଞ୍ଚ ପରାମର୍ଶ ଦେଇଥିଲେ। ପରେ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପିଇଓ ଲୋକନାଥ ନାଏକ ଓ କର୍ମଚାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜନସାଧାରଣ ।

**ବୁର୍ଡା ପଞ୍ଚାୟତ ଉନ୍ନତି ପାଇଁ ସରପଞ୍ଚଙ୍କ ଉଦ୍ୟମ**

# ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କୋକସରା,୯।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୩୧ ତାରିଖରୁ ଚାଲିଥିବା ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଗାୟତ୍ରୀ ପଣ୍ଡା ଯୋଗଦେଇଥିଲେ। ଅଧ୍ୟାପକ ଭାଗିରଥି ଶଗଡିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହିଳା ସଂଯୋଜିକା ମିସ୍ କଳ୍ପନା ଭୋଇ ଶିବିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ଆଲିଶା ଧଙ୍ଗଡ଼ାମାଝି ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆତ୍ମସୁରକ୍ଷା ବିଭିନ୍ନ କୌଶଳ ଛାତ୍ରୀମାନେ ପ୍ରଦର୍ଶନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଜିତା ମିତ୍ର ମେହେରା, ଅନିଲ ବାଗ, ଜୟରାମ ସୁନାନୀ, ମୋହନ କୁମାର ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଲେଜ ଉପାଧ୍ୟକ୍ଷ ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀମାନଙ୍କୁ ତାଲିମ ଦିଆଯାଉଛି।

# ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ମେଳା

**ନୂଆପଡ଼ା ଅଫିସ,୯।୪**

ନୂଆପଡା ସଦର ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ କାର୍ଯ୍ୟାଳୟ ଓ ଗୋଷ୍ଠୀ ବିଜ୍ଞାନ ମଞ୍ଚ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ଓ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟାଜିନ ଲ୍ଲା ପରିଷଦ ସଦସ୍ୟ ଭାନୁପ୍ରତାପ ସିଂମାଝି, ଅବସରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ମେଳାରେ ସବଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ୩୧୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ବିଇଓ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ଓ ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ଫଲମଣି ମୁର୍ମୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଜୋଷୀ, ଜିଲା ବିଜ୍ଞାନ ଶିକ୍ଷା ନିରିକ୍ଷକ ଅସ୍ୱନୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ବିଜ୍ଞାନ ମଞ୍ଚ ସହସମ୍ପାଦକ ରାଧେଶ୍ୟାମ ସା ମେଳାର ଉଦ୍ଦେଶ୍ୟ ଓ ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହସମ୍ପାଦକ ସୁଶାନ୍ତ ଯୋଶୀ, ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରିୟା ସତ୍ୟବତୀ ମଞ୍ଚ ପରିଚାଳନା କରିଥିଲେ। ଏବିଇଓ ରାଧେଶ୍ୟାମ ମେହେର, ଯୌବନ ଶଲମା, ଚୈତରାମ ନାଏକ, ପ୍ରଧାନ ଶିକ୍ଷକ ପ୍ରମୋଦ ହୋତା, ରାମେଶ୍ୱର ଦାସ, ନିରୋଜ ପାଢୀ, ସାନ ପ୍ରଧାନ, ଅମିଲଲା ଶବରଙ୍କ ସମେତ ସମସ୍ତ ସିଆରସିସି, ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଦର୍ଶନୀ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ପ୍ରଦର୍ଶିତ ହେଲା ୩୧୭ ପ୍ରକଳ୍ପ**

## ସେବାଜଗତର ୩୦ତମ ପ୍ରତିଷ୍ଠା ଦିବସ

**ମ.ରାମପୁର,୯।୪(ଡି.ଏନ.ଏ.)**

କଳାହାଣ୍ଡି ଜଲାର ଅଗ୍ରଣୀ ପ୍ରତିଷ୍ଠାନ ସେବା ଜଗତର ୩୦ତମ ପ୍ରତିଷ୍ଠା ଦିବସ ବୁରାଟ ଗ୍ରାମ ପରିସରସ୍ଥ ଅନୁଷ୍ଠାନ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସେବା ଜଗତ ସମ୍ପାଦକ ସତ୍ୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନର୍ଲା ବିଧାୟକ ଭୁପିନ୍ଦର ସିଂ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟବକ୍ତା, ଆନ୍ଧ୍ରପ୍ରଦେଶ ଧରିତ୍ରୀ ଅନୁଷ୍ଠାନ ମୁଖ୍ୟ ନାନାଜି ବିଶିଷ୍ଟ ବକ୍ତା, ପୂର୍ବତନ ସିଡବ୍ଲୁସି ସଭ୍ୟ ଅଜୟ ମିଶ୍ର, ସିଡବ୍ଲୁସି ସଭ୍ୟା ଆନନ୍ଦିନି, ଜିଲା ଶିଶୁ ସୁରକ୍ଷା



ନର୍ଲା ବିଧାୟକ ଭୁପିନ୍ଦର ସିଂ ଅଭିଭାଷଣ ପ୍ରଦାନ କରୁଛନ୍ତି।

ପ୍ରକଳ୍ପ ସଭ୍ୟା ରାଜଲକ୍ଷ୍ମୀ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଜିଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତର ଦଳ, ନର୍ଲା ବିପିଏମ୍, ରୋଶନାରା ମହାନ୍ତି, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ଜୟନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେବା ଜଗତ ଦ୍ୱାରା ସମ୍ପାଦିତ ଆଦିବାସୀମାନଙ୍କ ଜୀବନ ଜିବିକା, ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନତିକରଣରେ କାର୍ଯ୍ୟାବଳୀ, ଶହୀଦ ରେଣ୍ଡୋ ମାଝି ଓ କାର୍ଜି ମାଝିଙ୍କ କାର୍ଯ୍ୟାବଳିକୁ ଲୋକଲୋଚନକୁ ଆଣିବା ସହିତ ସରକାରଙ୍କ ସମନ୍ୱୟରେ ଷ୍ଟେଚ୍ୟୁ ସ୍ଥାପନ ସହିତ ଶହୀଦଙ୍କ ଗୁଣାବଳୀର ପ୍ରଚାର ପ୍ରସାର ଦିଗରେ ଅନୁଷ୍ଠାନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉତ୍ସବ ଅବସରରେ ଭୀମ ଭୋଇ ଦିବ୍ୟାଙ୍ଗ ଅନୁଷ୍ଠାନ ପକ୍ଷରୁ ବହୁବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା।

# ମଧୁମାଧ ତୀର୍ଥରେ ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ଆରମ୍ଭ

**କୋକସରା,୯।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୁଡାହାଣ୍ଡି ଡୋକରୀଚଞ୍ଚରା ମଧ୍ୟରେ ରହିଥିବା ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ମଧୁମାଧ ତୀର୍ଥ କ୍ଷେତ୍ରରେ ଶନିବାରଠାରୁ ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଆରମ୍ଭ ହୋଇଛି। ୧୯୭୨ରୁ ମଧୁମାଧ ପୀଠରେ ଶ୍ରୀରାମ ନବମୀ ମହୋତ୍ସବ ହୋଇଆସୁଛି। କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ପ୍ରାକୃତିକ ପରିବେଶ ମଣ୍ଡିତ ଅତି ମନୋରମ ସ୍ଥାନରେ ରହିଛି ପ୍ରଭୁ ଶ୍ରୀରାମଙ୍କ ମନ୍ଦିର। ପୌରାଣିକ କଥାବସ୍ତୁ ଓ ଲୋକଶୃତି ଅନୁସାରେ ଶ୍ରୀରାମ ବନବାସ ସମୟରେ କିଛି ମୁହୂର୍ତ୍ତ ଏହି ଜଙ୍ଗଲ ମଧ୍ୟରେ ଅତିବାହିତ କରିଥିଲେ। ଯାହାର କିଛି ପଦଚିହ୍ନ ଆଜି ମଧ୍ୟ ଏହି ମଧୁମାଧ ତୀର୍ଥରେ ରହିଥିବା ନେଇ ଅଞ୍ଚଳ ବୁଦ୍ଧିଜୀବୀ ମତ ରଖନ୍ତି। ଆଜକୁ ୫୦ ବର୍ଷ ହେବ ଏହି ପୀଠରେ ଶ୍ରୀରାମ ନବମୀ ପାଳନ ହୋଇଆସୁଛି। ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ରାମ ନବମୀ ମହୋତ୍ସବ ପାଇଁ ଉନ୍ନୟନ କମିଟି ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶନିବାର ଅଧିବାସଠାରୁ ୧୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ସହ ଶ୍ରୀରାମ ନବମୀ ମହୋତ୍ସବ ଅନୁଷ୍ଠିତ ହେବ। ଗତ ୨ବର୍ଷ କୋଭିଡ୍ ଯୋଗୁ ମହୋତ୍ସବ ବନ୍ଦ ରହିଥିଲା। ଚଳିତବର୍ଷ ମହୋତ୍ସବରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଉନ୍ନୟନ ସମିତି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏ ନେଇ ଉନ୍ନୟନ କମିଟି ସଭାପତି ଭଦ୍ରେଶ୍ୱର ପାତ୍ର, ଉପସଭାପତି ଅଇରି ନାସନ ଚିନ୍ଦା, ସହସମ୍ପାଦକ ଆଦିତ୍ୟ ପଣ୍ଡା, ଘନଶ୍ୟାମ ନାଏକ, ସୁଧୀର ପାତ୍ର, ଅର୍ଜୁନ ଅଗ୍ରୱାଲ, ସୁରେଶ ଅଗ୍ରୱାଲ, ବିରଞ୍ଚି ନାରାୟଣ ପଣ୍ଡା, ଅଜିତ କୁମାର ପଟ୍ଟନାୟକ, ଚକାଡୋଳା ପାତ୍ର, ଗିରିଧର ଧଙ୍ଗଡା ମାଝି, ହିମାଞ୍ଚଳ ପାତ୍ର ସୂଚନା ଦେଇଛନ୍ତି।



ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଇଁ ପୂଜା କରାଉଛି।

# ସ୍କୁଲ ସମସ୍ୟା ବୁଝିଲେ ସରିଆଁ ସରପଞ୍ଚ

**ପଲମ,୯।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ସରିଆଁ ପଞ୍ଚାୟତସ୍ଥିତ ଟିଆଁପଦର ଓ ଡେଣ୍ଡୋଗୁଡା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ସରଆଁର ସରପଞ୍ଚ ଓମ ପ୍ରକାଶ ଛତ୍ରିଆ । ସେ ଟିଆଁପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ରହିଥିବା ବେଳେ ୩ଜଣ ଶିକ୍ଷକ ନିଯୁକ୍ତ ହୋଇଥିବାରୁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ସମସ୍ୟା ସମ୍ପର୍କରେ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତି କରାଇ ଆଉ ଜଣେ ଶିକ୍ଷକ ନିଯୁକ୍ତି ଦେବା ପାଇଁ କହିଥିଲେ। ଗାଁର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଇତ୍ୟାଦିଉପରେଧ୍ୟାନ ଦେବିବୋଲି ଛତ୍ରିଆ କହିଥିଲେ। ପରେ ଡେଣ୍ଡୋଗୁଡା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ଶୃଙ୍ଖଳାଜ୍ଞାନ ଏବଂ ଶିକ୍ଷା ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ସମସ୍ତ ପ୍ରକାର ବ୍ୟବସ୍ଥା କରିବା ପାଇଁ ଶିକ୍ଷକ ତଥା ଗ୍ରାମବାସୀଙ୍କ ଆଲୋଚନ କରିଥିଲେ।

# ବନ୍ଧୁକଧାରୀ ସନ୍ଦିଗ୍ଧଙ୍କୁ ପୋଲିସ ଜିମାଦେଲେ ଗ୍ରାମବାସୀ

**ବଲାଙ୍ଗୀର ଅଫିସ/ଲୋଇସିଂହା ୯।୪(ଡି.ଏନ.ଏ.)**

- ବାର୍‌ହା ଶିକାର ଉଦ୍ଦେଶ୍ୟରେ ବୁଲୁଥିବା କହିଲେ ସନ୍ଦିଗ୍ଧ
- ଆହତ ଯୁବକ ଡାକ୍ତରଖାନାରେ ଭର୍ତ୍ତି

ବଲାଙ୍ଗୀର ସଦର ଥାନା ମାଗୁରବେଡା ଫାଣ୍ଡି ଅନ୍ତର୍ଗତ ବ୍ରାହ୍ମଣୀଡୁଙ୍ଗରି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ବନ୍ଧୁକଧାରୀ ସନ୍ଦିଗ୍ଧ ଯୁବକଙ୍କୁ ଗ୍ରାମବାସୀ ପ୍ରହରୀ ମଣ୍ଡପ ଖମ୍ବରେ ବାନ୍ଧି ମାଡ ମାରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶୁକ୍ରବାର ରାତିରେ ୩/୪ ଜଣ ଯୁବକ ବନ୍ଧୁକ ଧରି ବ୍ରାହ୍ମଣୀଡୁଙ୍ଗୁରି ଗାଁ ମୁଣ୍ଡରେ ବୁଲାବୁଲି କରୁଥିବା ଲୋକେ ଦେଖିବାକୁ ପାଇଥିଲେ। ବନ୍ଧୁକ ଧରିଥିବାରୁ ଗ୍ରାମବାସୀ ସନ୍ଦେହ ପ୍ରକାଶ କରି ସମ୍ପୃକ୍ତ ଯୁବକମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଗ୍ରାମବାସୀ ସମ୍ପୃକ୍ତ ସନ୍ଦିଗ୍ଧ ଯୁବକ ମାନଙ୍କୁ ଧରିବା ପାଇଁ ଉଦ୍ୟମ କରିବା ପରେ ସେମାନଙ୍କ ଭିତରୁ ୩ ଜଣ ଦୌଡି ପଳାଇ ଥିବାବେଳେ ବନ୍ଧୁକ ଧରିଥିବା ଜଣଙ୍କୁ ଲୋକେ କାବୁ କରିନେଇଥିଲେ। ଯୁବକ ଜଣକ ଗ୍ରାମବାସୀଙ୍କୁ ଧମକାଇ ଥିବା ଭାଇରାଲ ଭିଡିଓରେ ଶୁଣାଯାଉଛି। ସମ୍ପୃକ୍ତ ଯୁବକଙ୍କୁ ଚୋର, ଡକାୟତ ଭାବି ଲୋକେ ନିର୍ଘୁମ ମାଡ ମାରିଥିଲେ। ଏହାପରେ ତାଙ୍କୁ ଗାଁ ଭିତକୁ ଆଣି ପ୍ରହରୀ ମଣ୍ଡପ ଖମ୍ବରେ ବାନ୍ଧି ଦେଇଥିଲେ। ଘଟଣା ସମ୍ପର୍କରେ ମାଗୁରବେଡା ଫାଣ୍ଡିକୁ ଖବର କରାଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କ ପରିଚୟ ପଚାରିଥିଲେ। ଯୁବକ ଜଣକ ଗଡଶଙ୍କର ଡୁଙ୍ଗୁରିପାଲିର ଶତ୍ରୁଘ୍ନ ପ୍ରଧାନ ବୋଲି ପରିଚୟ ଦେଇଥିଲେ। ବାର୍‌ହା ଖେଦା କରିବା ବେଳେ ସେ ବ୍ରାହ୍ମଣୀଡୁଙ୍ଗୁରି ଗାଁକୁ ଆସିଥିବା ଭାଇରାଲ ଭିଡିଓରୁ ଜଣାପଡିଛି। ସମ୍ପୃକ୍ତ ସନ୍ଦିଗ୍ଧ ଯୁବକଙ୍କୁ ପୋଲିସ ସେଠାରୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ପୋଲିସ ଯୁବକଙ୍କ ଠାରୁ ଏକ ବନ୍ଧୁକ ଜବତ କରିଛି। ଯୁବକଙ୍କ ଚିକିତ୍ସା ଚାଲିଛି ଓ ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

# ହକ୍ ଦାବି କଲେ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ

**ଟିଟିଲାଗଡ଼,୯।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ସହରବାସୀଙ୍କୁ ପାନୀୟ ଜଳଯୋଗାଣ ପାଇଁ ଦିନରାତି କାମ କରୁଥିବା ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ସେମାନଙ୍କ ହକ୍ ଦାବି କରିଛନ୍ତି। ଶନିବାର ଏକ ବୈଠକରେ କର୍ମଚାରୀମାନେ ସେମାନଙ୍କ ନ୍ୟାୟୋଚିତ ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ, ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି କାର୍ଯ୍ୟ କରି ଆସିଥିବା ବେଳେ ନିୟମିତ କରାଯିବା ବଦଳରେ ସେମାନଙ୍କୁ ଠିକାଦାର ହାତକୁ ସମର୍ପି ଦିଆଯାଇଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦୈନିକ ମଜୁରି ମିଳୁନାହିଁ। ରବିବାର ମଧ୍ୟ କାର୍ଯ୍ୟ କରିବାକୁ ପଡୁଥିବା ବେଳେ ମାସିକ ଚାରୋଟି ରବିବାରର ପାଉଣା କାଟି ଦିଆଯାଉଛି। କର୍ମଚାରୀ ସଂଖ୍ୟା କମ୍‌ଥିବାରୁ ଜଣେ କର୍ମଚାରୀଙ୍କୁ ୧୬ ଘଣ୍ଟାରୁ ମଧ୍ୟ ଅଧିକ କାମ କରିବାକୁ ପଡୁଛି। ବାଞ୍ଜିପଦର ପ୍ରକଳ୍ପ, ଦେସିଲ ବିଶୋଧନ କେନ୍ଦ୍ର ଏବଂ ଟିଟିଲାଗଡ ସହରରେ ଜଳ ବଣ୍ଟନ ନେଇ ୮ଟି ଭୂତଳ ସମ୍ପ, ଦୁଇଟି ଓଭରହେଡ ଟ୍ୟାଙ୍କରେ ଦିନରାତି କାମ କରୁଥିବା କର୍ମଚାରୀ ଅସୁସ୍ଥ ହୋଇ ଦିନେ ନଆସିଲେ ମଜୁରି କାଟ କରାଯାଉଛି। କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ଜରୁରିକାଳୀନ ସେବା ପ୍ରଦାନ କରୁଥିବା କର୍ମଚାରୀଙ୍କୁ କୌଣସି ବୋନସ ତ ଦୂରର କଥା ସ୍ଥାୟୀ ନିଯୁକ୍ତି, ଇପିଏଫ, ଗ୍ରୁପବୀମା ଆଦି ପ୍ରସଙ୍ଗରେ କର୍ଣ୍ଣପାତ କରାଗଲା ନାହିଁ। କରୋନାରେ କର୍ମଚାରୀଙ୍କ ପରିବାରର ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ବେଳେ ସହାୟତା କିଛି ମିଳିଲା ନାହିଁ। ଟ୍ୟାଙ୍କର ଧରି ଟାଣ ଖରାରେ ଲୋକଙ୍କୁ ପାନୀୟ ଜଳ ଯୋଗାଣ କରୁଥିବା ଟ୍ରାକ୍ଟର ଡ୍ରାଇଭରଙ୍କ ବର୍ଷବର୍ଷର ପାରିଶ୍ରମିକ ବକେୟା ରହିଛି। କର୍ମଚାରୀ ସଞ୍ଜୟ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘ ବଲାଙ୍ଗୀର ଜିଲା ସମ୍ପାଦକ ବ୍ୟାସଦେବ ସାହୁ, ଟିଟିଲାଗଡ ଉପଖଣ୍ଡ ସମ୍ପାଦକ ବନମାଳୀ ବାଗ, ସହସମ୍ପାଦକ ବୁଦ୍ଧଦେବ ବିଶି, କୋଷାଧ୍ୟକ୍ଷ ତପନ ସାହୁ ପ୍ରମୁଖ ଦାବି କରିଥିଲେ। ବୈଠକ ପରେ କର୍ମଚାରୀ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହି ଯନ୍ତ୍ରୀ ଜୟାନନ୍ଦ ଜଗତ, କନିଷ୍ଠ ଯନ୍ତ୍ରୀ ମିହିରକାନ୍ତ ମହାନ୍ତି ଓ ଅଜୟ ବେହେରାଙ୍କୁ ବୈଠକର ପ୍ରସ୍ତାବ ପ୍ରଦାନ ସହ ବିହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ବୈଠକରେ ଉପସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ।

**ନ୍ୟାୟୋଚିତ ଦାବି ପୂରଣ ନ ହେଲେ ଆନ୍ଦୋଳନ**

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୦ ଏପ୍ରିଲ, ୨୦୨୨

## ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ

ବାଉଁଶୁଣୀ,(ଡି.ଏନ୍.ଏ.): ବୌଦ୍ଧ ଜିଲା ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଡିଆର୍‌ଏଫ୍ ତୃତୀୟ ବାଟାଲିୟନ ମୁଣ୍ଡୁଲି ନଟବର ଦଳ, କମାଣ୍ଡର ବିଶ୍ୱନାଥ ଚୌଧୁରୀଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ପ୍ରସାଦ ଏନ ଓ ଅନ୍ୟ ସଦସ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ବାବା ରାମ ଦେହୁରୀ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଥମିକ ଉପଚାର, ଉଦ୍ଧାର କୌଶଳ ଆଦି ସମ୍ବନ୍ଧରେ ଡେମୋ ଦେଖାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଭୂମିକମ୍ପ, ବନ୍ୟା, ବାତ୍ୟା ଓ ଅଗ୍ନି, ବଜ୍ରପାତ ସମୟରେ ଜନଜୀବନ ରକ୍ଷାର କୌଶଳ ପ୍ରଦର୍ଶନ କରିଥିଲେ।



## ସଂକ୍ଷେପରେ

### ଶ୍ରୀରାମ ମନ୍ଦିରରୁ ଚୋରି



ବରଗଡ଼ ଅଫିସ୍,୯।୪: ବରଗଡ଼ ସହର ବ୍ରହ୍ମବିହାରସ୍ଥିତ ଶ୍ରୀରାମ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ଚୋରମାନେ ମନ୍ଦିର ଦାନବାକ୍ସ, ମହାପ୍ରଭୁଙ୍କ ଦରବାର, ପିତ୍ତଳ ନିର୍ମିତ ରାମ, ଲକ୍ଷ୍ମଣ ସୀତାଙ୍କ ମୂର୍ତ୍ତି ଆଦି ଚୋରି କରି ନେଇଛନ୍ତି। ମନ୍ଦିର ମଧ୍ୟରେ ରହିଥିବା ବଡ଼ ଦାନବାକ୍ସକୁ ଭାଙ୍ଗି ଚୋରି ହୋଇଥିବାବେଳେ ଚୋରମାନେ ଅନ୍ୟ ଏକ ସାନ ଦାନବାକ୍ସକୁ ନେଇ ଯାଇଛନ୍ତି। ଖବର ପାଇ ଶନିବାର ସକାଳେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହାସହିତ ମନ୍ଦିର ପରିସରରେ ଚୋରମାନେ ପକାଇଥିବା ଭଙ୍ଗା ତାଲା, ମହାପ୍ରଭୁଙ୍କ ପୋଷାକ ଆଦିକୁ ପୋଲିସ ଜବତ କରି ଅଧିକ ତଦନ୍ତ କରୁଛି। ମନ୍ଦିର ନିକଟରେ ଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚାଲିଛି। ସେହି ଫୁଟେଜରୁ ଏଥିରେ ୩ଜଣ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ଜଣେ ରାସ୍ତାରେ ବାଇକ୍‌ରେ ରହିଥିବାବେଳେ ଅନ୍ୟ ୨ଜଣ ମନ୍ଦିର ଭିତରକୁ ପଶୁଥିବା ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି। ଗତ କିଛିମାସ ହେଲା ଚୋରମାନେ ବିଭିନ୍ନ ମନ୍ଦିରକୁ ଟାର୍ଗେଟ୍ କରି ଚୋରି କରୁଥିବାବେଳେ ଏହା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି ।

### ବ୍ରାହ୍ମଣ କଲ୍ୟାଣ ନିଗମ କରିବାକୁ ଦାବି

ବୌଦ୍ଧ,୯।୪(ସ୍ୱ.ପ୍ର.): ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତଙ୍କର ବିକାଶ ପାଇଁ ପରିଷଦ ଗଠନ କରିଥିବାବେଳେ ଦୀର୍ଘବର୍ଷ ଧରି ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ ପାଇଁ ଦାବି ହେଉଥିଲେ ମଧ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ତେଲେଙ୍ଗାନା, କର୍ଣାଟକ ଓ ପଶ୍ଚିମବଙ୍ଗରେ ନିଗମ ଗଠନ ହୋଇସାରିଛି। ବ୍ରାହ୍ମଣ ଜାତି ସହ ସନାତନ ଧର୍ମର ସୁରକ୍ଷା ଏବଂ ବ୍ରାହ୍ମଣ ସଂସ୍କୃତିର ସୁରକ୍ଷା ପାଇଁ ଏକ କଲ୍ୟାଣ ନିଗମ ଗଠନ କରିବା ପାଇଁ ବ୍ରାହ୍ମଣ ଇଣ୍ଟରନ୍ୟାସନାଲ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ନଂ ୧୩୮/ ସି.ଏମ୍. ତାରିଖ ୧୬।୩।୨୦୧୮ରେ ଦେବା ପରେ ଜି.ଏ. ଏବଂ ପି.ଜି. ବିଭାଗରେ ତା ୨୦।୩।୨୦୧୮ରିଖରେ ଡାଇରି ନଂ ୯୮୨୮ରେ ରେଜିଷ୍ଟ୍ରି କରାଯାଇଛି। ଓଡିଆ ଭାଷା ଓ ସଂସ୍କୃତି ବିଭାଗକୁ ବାରମ୍ବାର ଚିଠି ଦିଆଯାଇଥିଲେ ମଧ ଆଜି ପର୍ଯନ୍ତ ରାଜ୍ୟ ସରକାରଙ୍କ ବିଚାରାଧିନ ଭାବେ ପଡ଼ିରହିଛି। ରାଜ୍ୟରେ ଜନସଂଖ୍ୟାର ଶତକଡା ପାଖାପାଖି ୬ପ୍ରତିଶତ ବ୍ରାହ୍ମଣ ବସବାସ କରୁଥିବାବେଳେ ସେମାନଙ୍କ ସଂଖ୍ୟା ପ୍ରାୟ ୩୦ଲକ୍ଷ ବୋଲି ଅନୁମାନ କରାଯାଇଛି। ଏମାନଙ୍କ ମଧ୍ୟରୁ ୭୦ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ରାହ୍ମଣ କଲ୍ୟାଣ ନିଗମ ତୁରନ୍ତ ଗଠନ କରିବା ପାଇଁ ବୌଦ୍ଧ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସଭାପତି ଗୁରୁପ୍ରସାଦ ଦାଶ ଓ ସମ୍ପାଦକ ଦେବାଶିଷ ପୁରୋହିତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧମରେ ଦାବି ଜଣାଇଛନ୍ତି।

# ୨ ଆନ୍ତଃ ରାଜ୍ୟ ଲୁଟେରା ଗିରଫ

ଅତାବିରା/ସରଣ୍ଡା,୯।୪(ଡି.ଏନ.ଏ)






ଗିରଫ ୨ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି(ବାମ)। ଜବତ ଟଙ୍କା ଓ ନକଲି ନମ୍ବର ପ୍ଲେଟ।

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ୨ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟ ନେରୋଲ ଜିଲା କାପ୍ରାଲାଟିପା ଥାନା ଏନଟିଆର କଲୋନୀ ୨୨/୨୧ର ବାସିନ୍ଦା ପେଞ୍ଚାଲା ସଞ୍ଜୟ(୨୫) ଏବଂ ବାନାଲା ପ୍ରଶାନ୍ତ(୨୨)। ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୮୬ହଜାର ଟଙ୍କା, ଗୋଟିଏ ବାଇକ୍, ନକଲି ନମ୍ବର ପ୍ଲେଟ ଜବତ ହୋଇଛି। ଗିରଫ ୨ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଗତ ୬ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଅତାବିରା ଥାନା ବୁଗବୁଗା ନିବାସୀ ହୃଦୟାନନ୍ଦ ବେହେରା ଅତାବିରାସ୍ଥିତ ଷ୍ଟେଟବ୍ୟାଙ୍କ ଏବଂ ଡିସିବି ବ୍ୟାଙ୍କରୁ ୧ଲକ୍ଷ ୬୬ହଜାର ଟଙ୍କା ଉଠାଇଥିଲେ ଏବଂ ସେହି ଟଙ୍କାକୁ ଏକ ବ୍ୟାଗରେ ଭର୍ତ୍ତି କରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଉକ୍ତ ୨ଅଭିଯୁକ୍ତ ତାଙ୍କୁ ପିଛା କରି ବାବେବିରା ଆନ୍ଧ୍ରପଡ଼ା କେନାଲ ରାସ୍ତାରେ ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଏ ନେଇ ହୃଦୟାନନ୍ଦ ଏତଲା ଦେବା ପରେ ଅତାବିରା ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଗିରଫ ହେବା ପରେ ସେମାନଙ୍କ ପାଖରୁ ଲୁଟ୍ ଟଙ୍କା ଜବତ ହୋଇଛି। ସେମାନେ ୨୦୨୧ ସେପ୍ଟେମ୍ବର ୧୫ତାରିଖରେ ଘଟିଥିବା ଏକ ଚୋରି ମାମଲା (ନଂ.୨୬୨/୨୧) ଏବଂ ବଲାଙ୍ଗୀରରେ ଗତ ୪ତାରିଖରେ ୪ଲକ୍ଷ ୫୦ହଜାର ଟଙ୍କା ଚୋରି ମାମଲା (ନଂ.୧୬୧/୨୨)ରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ବାଇକ୍‌ରେ ୨ଟି ନକଲି ନମ୍ବର ପ୍ଲେଟ (ନଂ.ଓଡ଼ି୧୫ଡି ୯୦୦୭ ଓ ନଂ.ଓଡ଼ି୦୧କେ ୨୫୮୧) ବ୍ୟବହାର କରୁଥିଲେ ଏବଂ ତାକୁ ମଧ୍ୟ ପୋଲିସ ଜବତ କରିଛି। ପୋଲିସ ଏ ନେଇ ଅଧିକ ତଦନ୍ତ ଜାରି ରଖିଛି।

## ବଦଳିଲେ ଶିକ୍ଷୟିତ୍ରୀ: ଧାରଣାରୁ ଓହରିଲେ ଅଭିଭାବକ

ବୌଦ୍ଧ/ବଘିଆପଡ଼ା,୯।୪ (ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ବ୍ଲକ ବଘିଆପଡା ଆଞ୍ଚଳିକ ସାଧନକେନ୍ଦ୍ର ଅଧିନସ୍ଥ ଆମଠାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମିତ୍ରା ମେହେରଙ୍କୁ ଅନ୍ୟତ୍ର ବଦଳି ଦାବିକରି ମଙ୍ଗଳବାରଠାରୁ ବିଦ୍ୟାଳୟ ଗେଟରେ ତାଲା ପକାଇ ଅଭିଭାବକମାନେ ଧାରଣାରେ ବସିଥିଲେ। ଅଭିଭାବକମାନେ ନିଜ ଜିଦରେ ଅଟଳ ରହିଥିବା ସହ ଦୀର୍ଘ ୪ ଦିନ ଧରି ବିଦ୍ୟାଳୟ ଭିତରକୁ ଛାତ୍ରୀଛାତ୍ର, ଶିକ୍ଷକମାନଙ୍କୁ ଛାଡି ନ ଥିଲେ। ଫଳରେ ଶିକ୍ଷାଦାନ ଏକପ୍ରକାର ଠପ୍ ହୋଇପଡିଥିଲା। ପ୍ରକାଶ ଥାଉକି ଆମଠାପଡା ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମିତ୍ରା ମେହେର ଦୀର୍ଘବର୍ଷ ହେଲା ଏହି ଗୋଟିଏ ବିଦ୍ୟାଳୟରେ ରହିଆସିଛନ୍ତି। ଫଳରେ ବିଭିନ୍ନ ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ଅଭିଭାବକମାନେ ବହୁବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବାଧ୍ୟ ହୋଇ ଗତ ମଙ୍ଗଳବାର ଠାରୁ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ୪ଦିନ ପରେ ବୌଦ୍ଧ ଶିକ୍ଷା ବିଭାଗ ଅଧିକାରୀଙ୍କ ଚେତା ପଶିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୌଦ୍ଧ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ପତ୍ରସଂଖ୍ୟା ୧୧୫୨/୨୦୨୨ ତାରିଖ ୮।୪।୨୦୨୨ ଅନୁଯାୟୀ ଶିକ୍ଷୟିତ୍ରୀ ସୁମିତ୍ରା ମେହେରଙ୍କୁ କନକପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରିଥିଲେ। ଶିକ୍ଷୟିତ୍ରୀଙ୍କ ବଦଳି ପରେ ଅଭିଭାବକମାନେ ବିଦ୍ୟାଳୟ ଗେଟରୁ ତାଲା ଖୋଲିବା ସହ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ବିଦ୍ୟାଳୟ ଭିତରକୁ ଛାଡିଥିଲେ। । ଶନିବାରଠାରୁ ପୂର୍ବପରି ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ ହୋଇଥିଲା।



ପାଠ ପଢିବାକୁ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଯାଉଛନ୍ତି।

## ୪ବର୍ଷ ପରେ ବି କାମ ସରୁନି

ବିନିକା,୯।୪(ଡି.ଏନ୍.ଏ.)

**କୁକୁଡାଖୋଲି-ବାଙ୍କିଘିର୍ଡି ପ୍ରଧାନମନ୍ତ୍ରୀ ରାସ୍ତା**



ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ କୁକୁଡାଖୋଲି-ବାଙ୍କିଘିର୍ଡି ୪କିମି ରାସ୍ତାର ପିଚୁକରଣ କାମ ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଆରମ୍ଭ ହୋଇଥିଲା। ପାଞ୍ଚବର୍ଷ ପରେ ବି ଏହି କାମ ସରିନାହିଁ। ଅଦ୍ୟାବଧି ମାତ୍ର ୨କିମି ରାସ୍ତା ପିଚୁକରଣ ହୋଇଥିବା ବେଳେ ଅବଶିଷ୍ଟ ୨କିମି ରାସ୍ତାର ଅବସ୍ଥା ଶୋଚନୀୟ ରହିଛି। ସମସ୍ୟା ନେଇ କୁକୁଡାଖୋଲି ଓ ବାଙ୍କିଘିର୍ଡି ଗ୍ରାମବାସୀ ବିଭିନ୍ନ ସମୟରେ ବିନିକା ବ୍ଲକ କର୍ତ୍ତୃପକ୍ଷଙ୍କୁ ଅବଗତ କରାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ଫଳରେ ଅସମ୍ପୂର୍ଣ୍ଣ ରହିଥିବା ୨କିମି ମାଟିରାସ୍ତା ଖାଲଖମାରେ ଭରି ଯାଇଛି। ଯାତାୟତ ବେଳେ ପଥାଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଙ୍କିଘିର୍ଡି ହାଇସ୍କୁଲକୁ ଯାଉଥିବା କୁକୁଡାଖୋଲି ଗାଁର କେତେକ ପିଲା ଖାଲଖମାରେ ପଡି ଖଣ୍ଡିଆ ଖାବରା ହୋଇ ସାରିଲେଣି। ବାଙ୍କିଘିର୍ଡି ପଞ୍ଚାୟତକୁ ରାଶନ ସାମଗ୍ରୀ ଆଣିବାକୁ ଗଲାବେଳେ ବୃଦ୍ଧାବୃଦ୍ଧମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଅବିଳମ୍ବେ ଏହି ୨କିମି ରାସ୍ତା କାମ ନ ସାରିଲେ ଆନ୍ଦୋଳନାତ୍ମକପନ୍ଥା ଆପଣାଇବେ ବୋଲି କୁକୁଡାଖୋଲି ଓ ବାଙ୍କିଘିର୍ଡି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ନୀଳମଣି ଦେହୁରୀଙ୍କୁ ପଚାରିବାରେ କେତେକ ବ୍ୟକ୍ତି ସେମାନଙ୍କ ଜମି କହି କାମ ବନ୍ଦ କରିଥିଲେ। ଏହି ବିବାଦର ସମାଧାନ ହୋଇ ପାରିଲେ କାମ ସମ୍ପୂର୍ଣ୍ଣ କରିବାରେ ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି।

## ତାତି ବଢୁଛି, ଜଳଛତ୍ର ଖୋଲିନି

ଜାମଟିକ୍ରା, ୯।୪(ଡି.ଏନ.ଏ)

ଚଳିତବର୍ଷ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହେଲେଣି। ଦିନକୁ ଦିନ ତାତି ବଢୁଥିବାରୁ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଶେଷ କରି ପଥଚାରୀ, ବୁଲା ବେପାରୀଙ୍କ ଦୁର୍ଦ୍ଦଶା ବଢିଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ କିମ୍ବା କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ପ୍ରତିବର୍ଷ ମାର୍ଚ୍ଚ ମାସରେ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲା ଯାଇଥାଏ। ଚଳିତବର୍ଷ ଏପ୍ରିଲ ମାସର ଦ୍ୱିତୀୟ ସପ୍ତାହ ହେଲାଣି। କିନ୍ତୁ ଅତାବିରା ବ୍ଲକର କୌଣସି ଜାଗାରେ ଜଳଛତ୍ରଟିଏ ଖୋଲାଯାଇ ନ ଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପଶୁ, ପକ୍ଷୀଙ୍କ ଜଳକଷ୍ଟ ଦୂର କରିବା ପାଇଁ ଗ୍ରାମପଞ୍ଚାୟତ ସ୍ତରରେ ନଦୀନାଳରେ ଆଡିବନ୍ଧ ନିର୍ମାଣ ବ୍ୟବସ୍ଥା ଥିବା ବେଳେ ଏହା ମଧ ହୋଇନାହିଁ। ଏଣୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଅତାବିରା ବିଡିଓ ବିଶ୍ୱନାଥ ସାହୁଙ୍କୁ ପଚାରିବାରୁ ବିଭିନ୍ନ ପଞ୍ଚାୟତରେ ଯଥାଶୀଘ୍ର ଜଳଛତ୍ର ଖୋଲିବା ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।

## ଋଗୀଙ୍କୁ ମିଳୁନି ଉତ୍ତମ ସ୍ୱାସ୍ଥ୍ୟସେବା

ବିନିକା,୯।୪(ଡି.ଏନ୍.ଏ)

**ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ନାହିଁ ଏକ୍ସ-ରେ, ଅଲଟ୍ରାସାଉଣ୍ଡ ମେଶିନ
- ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ସୁଧାର ପାଇଁ କଂଗ୍ରେସର ଦାବିପତ୍ର

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସୁବିଧା ମିଳୁନାହିଁ। ଏଠାରେ ରୋଗୀଙ୍କର ସର୍ବନିମ୍ନ ଆବଶ୍ୟକତା ଯାହା ଦରକାର ତାହା ଉପଲବ୍ଧ ହେଉନାହିଁ। ଏକ୍ସରେ, ଅଲଟ୍ରାସାଉଣ୍ଡ ଓ ସିଟି ସ୍କାନ ମେଶିନ ନ ଥିବା ଯୋଗୁଁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀମାନେ ଅନ୍ୟନୋପାୟ ହୋଇ ଅଯଥା ଖର୍ଚ୍ଚାନ୍ତ ହୋଇ ସୋନପୁର, ବରପାଲି ଯିବାକୁ ପଡୁଛି। ଏଠାକୁ ଆସୁଥିବା ରୋଗୀଙ୍କୁ ଡାକ୍ତରମାନେ ତୁରନ୍ତ ଅନ୍ୟତ୍ର ରେଫର କରି ଦେଉଛନ୍ତି। ଏହଭିଳି ଅଭିଯୋଗ ସବୁ ଆଣି ଶୁକ୍ରବାର ବିନିକା ଯୁବ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତା ପ୍ରଶାସନକୁ ଘେରିଛନ୍ତି। ସମସ୍ୟାର ତତ୍କାଳ ସମାଧାନ ପାଇଁ ସେମାନେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ ହୋଇଛି । ଯୁବନେତା ଉମାକାନ୍ତ ଦୀପ, ବିଜୟ କୁମାର ଭୋଇ, ଶ୍ରୀନିବାସ ଖମାରୀ, ଲକ୍ଷ୍ମଣ ପାତ୍ର, ଭାସ୍କର ଖମାରୀ, ନୀଳାଚଳ ବଗର୍ତ୍ତୀ, ଅମୀୟ ନାଇକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

ବରଗଡ଼ ଅଫିସ୍,୯।୪



ଉଦ୍‌ଯାପନୀ ଦିବସରେ ହସ୍ତଶିଳ୍ପ ପ୍ରଦର୍ଶନୀରେ ଭିଡ଼।

ବରଗଡ଼ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଳୟ, ହସ୍ତଶିଳ୍ପ ସେବାକେନ୍ଦ୍ର, ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ବିଭାଗ ସହାୟତାରେ ଅନୁଗୋଳର ଡୋଭ୍ ଅନୁଷ୍ଠାନ ପକ୍ଷରୁ ଉକ୍ତ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାର ଅନେକ କାରିଗର ଭାଗ ନେଇ ସେମାନଙ୍କ ହସ୍ତଶିଳ୍ପ ପ୍ରଦର୍ଶନ ସହିତ ବିକ୍ରି କରିଥିଲେ। ପ୍ରଦର୍ଶନୀରେ ୭୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟ ହୋଇଛି ବୋଲି ଡୋଭ୍ ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ମିଶ୍ର ସୂଚନା ଦେଇଛନ୍ତି। ହସ୍ତଶିଳ୍ପ ପ୍ରଦର୍ଶନୀକୁ ସଫଳତାର ସହିତ ସମାପନ କରିବାରେ ସହଯୋଗ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ବରଗଡ଼ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ନିଶାମଣି ହାଇସ୍କୁଲ କର୍ତ୍ତୃପକ୍ଷ ଏବଂ ଜିଲାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସେହିପରି ଆଗକୁ ମଧ୍ୟ ବରଗଡ଼ରେ ଏଭଳି ପ୍ରଦର୍ଶନୀ ଆୟୋଜନ କରାଯିବ ବୋଲି ସମ୍ପାଦକ ମିଶ୍ର ସୂଚନା ଦେଇଛନ୍ତି।

## ୪୦ ପ୍ରହର ନାମଯଜ୍ଞ ସମ୍ପନ୍ନ

ଜାମଟିକ୍ରା, ୯।୪(ଡି.ଏନ.ଏ)

ଅତାବିରା ବ୍ଲକ ନିଲେଇପାଲି ଗ୍ରାମରେ ୪୦ ପ୍ରହର ନାମଯଜ୍ଞ ଶୁକ୍ରବାର ସମ୍ପନ୍ନ ହୋଇଛି। ଏହା ଛଅ ଦିନ ଧରି ଚାଲିଥିଲା। ପ୍ରତେକ ସନ୍ଧ୍ୟାରେ ଆଖପାଖର ଗାଁର ସଂକୀର୍ତ୍ତନ ଦଳ ଆସି ନାମଜପ କରୁଥିଲେ। ପୂର୍ଣ୍ଣାହୂତିରେ ନୀଲଜି, ବରାହଗୁଡା, ହଳଦୀ ଓ ନୂଆଗଡ଼ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ହିମାଂଶୁ ମିଶ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ଏବଂ ପଣ୍ଡିତ ପ୍ରହ୍ଲାଦ ଶତପଥୀ ଯଜ୍ଞ ପୂଜା କରିଥିଲେ। ନିଲେଇପାଲି ଗ୍ରାମବାସୀ ସହଯୋଗ କରିଥଲେ।

## ବାର୍ଷିକ ସମାରୋହରେ ପୁରସ୍କାର ବିତରଣ

ବରଗଡ଼ ଅଫିସ୍,୯।୪

ବରଗଡ଼ ଜିଲା ଭଟଲି ବ୍ଲକ କମଗାଁ ସ୍ଥିତ ଶକୁନ୍ତଳା ବିଦ୍ୟାଧର ମହିଳା ସ୍ନାତକ ମହାବିଦ୍ୟାଳୟରେ ଶନିବାର ବାର୍ଷିକ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଛି। ପ୍ରବାସୀ ଭାରତୀୟ ସାହେବ ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉକ୍ତ କଲେଜର ଏହି ସମାରୋହରେ ଶକୁନ୍ତଳା ବିଦ୍ୟାଧର ଟ୍ରଷ୍ଟର ପ୍ରତିନିଧି ରଞ୍ଜିତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସମାଜକୁ ନାରୀର ଅବଦାନ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା. କାମଦେବ ସାହୁ ପାରମ୍ପରିକ ଓ ଆଧୁନିକ ଜୀବନଶୈଳୀ ମଧ୍ୟରେ ତୁଳନାତ୍ମକ ଆଲୋଚନା କରିଥିଲେ। କମଗାଁ ଯୁକ୍ତଦୁଇ କଲେଜର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ଯୁକ୍ତତିନି କଲେଜ ଅଧ୍ୟକ୍ଷ ଡଃ ରତିକାନ୍ତ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ଲମ୍ବୋଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଶ୍ୱବିଦ୍ୟାଳୟ ସ୍ତରରେ ଉତ୍କର୍ଷତା ହାସଲ କରିଥିବା ଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ରବି ନାରାୟଣ ସାହୁ, ଅରବିନ୍ଦ ଦାଶ, ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ମଧୁମିତା କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।




କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

# ଫାଇନାଲରେ ବଗଳା ୱାରିୟର୍ସ

ସୋନପୁର,୯।୪(ନି.ପ୍ର.)



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସୋନପୁର ପ୍ରିମିୟର ଲିଗ୍**

ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ସୋନପୁର ପ୍ରିମିୟର ଲିଗ୍(ଏସପିଏଲ)ର ଶନିବାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ବଗଳା ୱାରିୟର୍ସ ବିଜୟ ଲାଭ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟିମ୍ ସମଲେଶ୍ୱରୀ ଓ ବଗଳା ୱାରିୟର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟିମ୍ ସମଲେଶ୍ୱରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୪୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗୋବିନ୍ଦ ପାତ୍ର ୩୭, ଶଙ୍କର ଘଡିଆ ୩୫, ନରୋତ୍ତମ ତାଣ୍ଡିଆ ୧୮, ପ୍ରବୀଣ ଲୁହା ୧୬ ଓ ସିକନ ସେଠୀ ୧୪ ରନ ସଂଗ୍ରହ କରିଥିଲେ। ବଗଳା ୱାରିୟର୍ସ ପକ୍ଷରୁ ବି. ପୁରୁଷୋତ୍ତମ ପାତ୍ର ୨ଟି ଏବଂ ପ୍ରତାପ ସାହୁ, ଗୌରବ ରାଉତ, ନନ୍ଦୀ ଖୁରା ଓ ବିକି କଅଁର ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପ୍ରତ୍ୟୁତ୍ତରରେ ବଗଳା ୱାରିୟର୍ସର ବି. ପୁରୁଷୋତ୍ତମ ପାତ୍ର ୬୫ ରନ, ମୁକ୍ତାର ଖାନଙ୍କ ୪୦, ପ୍ରଶାନ୍ତ ବିଶିଙ୍କ ୧୬ ଓ ନନ୍ଦୀ ଖୁରାଙ୍କ ୧୩ ରନ ସହାୟତାରେ ୧୫୦ରନର ବିଜୟ ଲକ୍ଷ୍ୟକୁ ଅନାୟସରେ ଅତିକ୍ରମ କରିଥିଲା। ସମଲେଶ୍ୱରୀ ପକ୍ଷରୁ ସୁବାସ ମେହେର ସର୍ବାଧିକ ୩ଟି ଏବଂ କିରଣ ପଣ୍ଡା, ପ୍ରବୀଣ ଲୁହା ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ବି. ପୁରୁଷୋତ୍ତମ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କାଳୀଚରଣ ଦାସଙ୍କୁ କମାଲ କ୍ୟାଚ୍ ପୁରସ୍କାର, ସୁବାସ ମେହେର ଶ୍ରେଷ୍ଠ ବୋଲର ପୁରସ୍କାର ହାସଲ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ପଣ୍ଡା ଓ ଶ୍ରୀବନ୍ତ ନାୟକ। ଅନଲାଇନ ସ୍କୋରର ଥିଲେ ଦୀନେଶ ଘିବିଲା ଓ ବିଶ୍ୱନାଥ ନାୟକ। ଧାରା ବିବରଣୀ ପ୍ରଦାନ କରିଥିଲେ ବି.ଏସ.ରାଓ ଓ ଅଚ୍ୟୁତ ମିଶ୍ର। ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘ ସଭାପତି ରାମକୃଷ୍ଣ ମେହେର ଓ ସନ୍ତୋଷ ମେହେର ଅତିଥିଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ମଣ୍ଟୁ ୱାରିୟର୍ସ ଓ ବଗଳା ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହେବ।

